ମାର୍ଚ୍ଚ -୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



## ବିଶ୍ୱ ମହିଳା ଦିବସ ବିଶେଷାଙ୍କ ସ୍ୱୟଂସିଦ୍ଧା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

**"ହିରଣ୍ମୟୀ " - ସ୍ୱୟଂସିଦ୍ଧା- ବିଶେଷାଙ୍କ - ବିଶ୍ୱ ମହିଳା ଦିବସ ଉପଲକ୍ଷେ ପ୍ରକାଶିତ । ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :**

ନାରୀକବି ଉତ୍କଳ ଭାରତୀ
କୁନ୍ତଳା କୁମାରୀ ସାବତ ଙ୍କୁ
ସାରସ୍ୱତ ଶ୍ରଦ୍ଧାଞ୍ଜଳି





ସଶକ୍ତିକରଣ
**ପ୍ରଭାସିନୀ ହୋତା**

ସ୍ୱୟଂସିଦ୍ଧା
**ସୁଧିରାଜ ରାଉତ**





ସ୍ୱୟଂସିଦ୍ଧା
**ତ୍ରିଲୋଚନ ପଣ୍ଡା**



ସ୍ୱୟଂସିଦ୍ଧା ନାରୀ
**ଅମ୍ବିକା ସ୍ୱାଇଁ**

ନୀରବ ଓଠ
**ବନ୍ଦିତା କର**



ନାରୀଟିଏ
**କେ .ନିର୍ମଳ**





ବହ୍ନି କନ୍ୟା
**ପ୍ରତିଭା ପରିଜା**



ଝିଅଟିଏ ବୋଲି
**କସ୍ତୁରୀ ଚରଣ ରାଉତ**

ମମତାର ମୂର୍ତ୍ତି ନାରୀ
**ପ୍ରସନ୍ନ କୁମାର ମାଦଳା**



ନାରୀ - ସ୍ୱୟଂକଳ୍ପା - ସ୍ୱୟଂସିଦ୍ଧା
**ସୁବାଷ ଚନ୍ଦ୍ର ପଣ୍ଡା**





ସ୍ୱୟଂସିଦ୍ଧା
**ଜୟଶ୍ରୀ ପଟ୍ଟନାୟକ**



ତୁ ନୁହେଁ ସର୍ବଂସହା
**ମନୋରମା ମିଶ୍ର**

ଅନନ୍ୟା ଅନୁପାମା
**ସୁପ୍ରଭା ସାମଲ**



ନାରୀ
**ପ୍ରଶାନ୍ତ କୁମାର ନାଥ**





ନାରୀ
**ମହାପାତ୍ର ବି ସୁନନ୍ଦା**

ମା' ସେ ଯେ ସ୍ୱୟଂସିଦ୍ଧା
**ରମେଶ ଚନ୍ଦ୍ର ପସାଏତ**



ମହିମାମୟୀ ମା' ରମାଦେବୀ
**ସୁଷମା ପରିଜା**





ସଂପୂର୍ଣ୍ଣା
**ବୀଣାପାଣି ରାଏଗୁରୁ**

ଅନ୍ତିମ ଆଶ୍ରୟ
**ଦୀପକ କୁମାର ଦେ**



**ବିଶ୍ୱ ମହିଳା ଦିବସ ବିଶେଷାଙ୍କ ସ୍ୱୟଂସିଦ୍ଧା**



## ନାରୀକବି ଉତ୍କଳ ଭାରତୀ

## କୁନ୍ତଳା କୁମାରୀ  ସାବତ ଙ୍କ କବିତା :

# " ନାରୀଶକ୍ତି "

ବୃଥା ଭବତଳେ ନକର ପ୍ରଚାର
ଭାରତରେ ଭରା ନାରୀ ଅତ୍ୟାଚାର
ବିଦେଶୀ ସରବେ ଗରବେ ବଖାଣି
ନଗାଆନ୍ତୁ ନାରୀ ଦୁର୍ଦ୍ଦଶା କାହାଣୀ
ଉଠ ନବ ତେଜ ଉଠ ଆର୍ଯ୍ୟସୁତ
ଉଭାହେଉ ଆଜି ଦିବ୍ୟ ଦୀପ୍ତିମୟୀ
ସ୍ୱାହା ଅନଳର ପାଶେ
ବଜ୍ରଧାରୀ ବାମେ ଶକ୍ତିମୟୀ
ଶଚୀ ବିରାଜୁ ଗର୍ବୋଲ୍ଲାସେ
ହେଉ ଅବତୀର୍ଣ୍ଣା ଉମା ଘରେ ଘରେ
ତ୍ରିଶୂଳ ଧାରିଣୀ ବିଶାଳ ଖର୍ପରେ ...

## ନାରୀ କବି କୁନ୍ତଳା କୁମାରୀ ସାବତ ନିଜକୁ ଭାରତୀ -ମନ୍ଦିରର ପୁରୋହିତ ଭାବରେ ନିଜକୁ ଚିତ୍ରଣ କରି ମଧୁର କବିତା ଲେଖିଥିଲେ :



ଛନ୍ଦି ଚମ୍ପାଚୂତେ ମନ୍ଦାର ମଲ୍ଲୀକା
କୁନ୍ଦ ଅରବିନ୍ଦ ଶିରୀ ସମ୍ପଦ
ମଞ୍ଜୁ ଫୁଲ ମାଳି ,ପୂତ ଅର୍ଘ୍ୟଥାଳି
ଘେନି ଯେ ପୂଜିଲ 'ଭାରତୀ' ପଦ ।

କଳିଙ୍ଗ କାନନ ସମ୍ବଳ ବିମଳ
ବିଲ୍ୱ ଦଳ ତହିଁ ଲିଭିଲା ସ୍ଥାନ
ତା କି ଭୁଲିପାରେ ଗଜପତି -ଜାତି
କେଶରୀ ପୁରୁଷୋତ୍ତମ ସନ୍ତାନ ।

ଭଞ୍ଜ -କୃଷ୍ଣ -ଅଭିମନ୍ୟୁ -ଜଗନ୍ନାଥ
କବିସୂର୍ଯ୍ୟ ଜୟଦେବ ଜନନୀ
ସାରଳା ସେବିତ ମଧୁ ରାଧାନାଥ
ମେହେର କୀରତି ବରବରନୀ ।

ଚିଲିକା ଚୁମ୍ବିତ ନୀଳାଦ୍ରି ମଣ୍ଡିତ
ବୈତରଣୀପୂତ ଉତ୍କଳଧାମ
ଭାରତୀ ମନ୍ଦିର ପୁରୋହିତ ଆଜି
ଅରପେ ଶ୍ରଦ୍ଧାର ସୁମନ ଦାମ ।

ଥିବ ଯେତେ ଦିନ ଏ ଭାରତଭୂଇଁ
ନଭଃ ଛୁଇଁ ହିମ ଶିର ଶୋଭିବ
ମହାଜଳଧୀର ଗଭୀର ଗର୍ଜନ
ଲହରୀ ନର୍ତ୍ତନ ଉଚ୍ଛୁଳୁଥିବ ।

ଜାହ୍ନବୀ ଯମୁନା କୃଷ୍ଣା ଗୋଦାବରୀ
ରେବା ମହାନଦୀ ଗାଇବେ ଗାନ
ବୀଣା ଏସରାଜେ ମୁରଲୀ ମୁରଜେ
ମିଶିବ ଖଞ୍ଜଣୀ ତରଳ ତାନ ।

ଦେବ ପୂଜା ଲାଗି ପଞ୍ଚବଟୀ ବନେ
କଳିଙ୍ଗେ କଶ୍ମୀରେ ଫୁଟିବ ଫୁଲ
ଗୁରୁ ଗ୍ରୀୟର୍ସନ ସେହି ଦିନ ସରି
ପୁଜିବୁଁ ଶ୍ରୀପଦ ସ୍ନେହ ଅତୁଳ ।

ପୂରବ ପଶ୍ଚିମ ଅପୂର୍ବ ମିଳନ
ମଙ୍ଗଳ ଚୁମ୍ବନ ଯଦି ସମ୍ଭବ
ହେବ କେବେ ଭବେ ତୁମରି ଗୌରବେ
ତୁମ ପୁଣ୍ୟ ଶ୍ରମେ ମହାନୁଭବ ।

ଆମେରିକା ଚୀନ ୟୁରୋପ ଜାପାନ
ସନେ ଏକାସନେ ଏ ହିନ୍ଦୁ ସ୍ଥାନ
ଯେ ଦିନ ବସିବ ସ୍ମରିବ ସେ ତାର
ଭାଷାକୁ କଲା କେ ମହତ୍ତ୍ୱ ଦାନ ।

ସ୍ୱଭାବେ ସୁନ୍ଦର ଭାରତ ଆମର
ବିଚିତ୍ର ପ୍ରକୃତି ଚିତ୍ରଶାଳିକା
ତହୁଁ ଗୁରୁତର ତା' ଭାଷା ସମ୍ଭାର
ସଜାଡ଼ିଲା ତବ କର ତୁଳିକା ।


ହେ ଅମର ଶିଳ୍ପୀ ! ସଂକଳ୍ପିବି କିବା
ଅଳ୍ପ ତୁଚ୍ଛ ଦୂବପତ୍ର ଦିଓଟି
ଭଲ ଲାଗେ ପରା ସ୍ଥବିର ଶ୍ରୁତିରେ
ଗୁଲୁ ଗୁଲୁ ଭୁଲଭରା ଦରୋଟି ।

ଶୋଭୁ ପଛେ ହୀରାମଣି କୋହିନୁର
ମୋଟୀ ପଦ୍ମକାନ୍ତ ପଡେ ଅତୁଳ
ଆପଣା ଗୁଣରେ ଘେନ ହେ ଚରଣେ
ଫୁଲ ରେଣୁ ଏ ତ ଅମୂଲ ମୂଲ ।

**(ତା :୩୦ -୦୩ -୧୯୩୧ )**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ସ୍ୱୟଂସିଦ୍ଧା

ତ୍ରିଲୋଚନ ପଣ୍ଡା



ଆଦ୍ୟ ମନାସରେ ମାନସୀ ସାଜିଛି
ପୁରୁଷ ସାଥିରେ ପ୍ରକୃତି ସାଜିଛି
ଶିରା ପ୍ରଶିରାରେ କର୍ଷଣ ସହିଛି
ଅଣାକାର ରୂପ ସାକାର କରିଛି
ପ୍ରକାଶ କରିନି ଦ୍ୱିଧା
ସେ କିଏ ଆଉ ସିଏ ତ ଆମର
ସଦା ବନ୍ଦ୍ୟା ସ୍ୱୟଂସିଦ୍ଧା ॥

ନାରାୟଣ ପାଖେ ନାରାୟଣୀ ରୂପ
ସଦାଶିବ ପାଖେ ଶିବାନୀ ସ୍ୱରୂପ
ବେଦପତି ପାଖେ ସେ ବିଦ୍ୟାଦାୟିନୀ
ରଣାଂଗନେ ସେଇ ଦୁର୍ଗା କାତ୍ୟାୟନୀ
ଶାନ୍ତିକାଳେ ଯିଏ ଶ୍ରଦ୍ଧା
ସେ କିଏ ଆଉ ସିଏ ତ ଆମର
ସଦା ବନ୍ଦ୍ୟା ସ୍ୱୟଂସିଦ୍ଧା ॥

ସୁନୀଳ ଆକାଶେ ବାଦଲ ସାଜିଛି
ସାତ ରଂଗ ଧରି ବିଜୁଳି ସାଜିଛି
ତୃପ୍ତିଦାନ ପାଇଁ ଓହ୍ଲେଇ ଆସିଛି
ଝରଣାରୁ ଝରି ନଦୀରେ ବହିଛି
ମାନବ ପ୍ରୀତିରେ ବନ୍ଧା
ସେ କିଏ ଆଉ ସିଏ ତ ଆମର
ସଦା ବନ୍ଦ୍ୟା ସ୍ୱୟଂସିଦ୍ଧା ॥

ଦେହ ପାଇଁ ଯିଏ ପୀରତି ଆଣିଛି
ଚୁତ ଡାଳେ ରହି ବଉଳ ଭରିଛି
କୋଇଲି କଣ୍ଠରେ ରାଗିଣୀ ସାଜିଛି
ଅନୁରାଗେ ଭରି ଓଢଣା ଟାଣିଛି
କେବେ ମୀରା କେବେ ରାଧା
ସେ କିଏ ଆଉ ସିଏ ତ ଆମର
ସଦା ବନ୍ଦ୍ୟା ସ୍ୱୟଂସିଦ୍ଧା ॥

-୦-୦-୦-୦-୦-୦-୦-୦-୦-୦-୦-

**ଭୁବନେଶ୍ୱର**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୀରବ ଓଠ

**ବନ୍ଦିତା କର**

ନିର୍ବିକାର ମନ ତଳେ ଅସୁମାରୀ ସପନକୁ
ସାଇତି ରଖି....
ନୀରବି ଯାଇଛି ତା ଓଠ ।
ଅନେକ ଯାତନାର ଅନ୍ତହୀନ କଣ୍ଟକିତ ପଥେ
ଚାଲି ଚାଲି...
କ୍ଷତାକ୍ତ ହୋଇଛି ତା ପାଦ ।
ଅଶେଷ କୁହୁଳା ଆବେଗ ସବୁକୁ ..
ମାଡି ମୋଡି ହୃଦୟ ଫରୁଆ ଭିତରେ ଚାପିରଖି
ସଜଳ ହୋଇଛି ତା ଆଖି ।
ଅବଳା ,ଦୁର୍ବଳା ରତ୍ନଖଂଜା ମଥାମଣିର ଭାରକୁ
ସମ୍ଭାଳି ନେଇ....
ନଇଁ ଯାଇଛି ତା ମଥା ...।
ତଥାପି ସେ ହସୁଥିଲା ,ହସୁଛି ଓ ହସୁଥିବ.. ।
ସେ ହସ ଥିଲା ସେ ଦିନ ନିର୍ମଳ,
ଆଉ ଆଜି ବି ନିର୍ମଳ !!
ହେଲେ ସେ ହସର ପବିତ୍ରତାକୁ ବୁଝେନା  ପୁରୁଷ,
ସେ ଶାନ୍ତିର ଉଚ୍ଛ୍ୱାସକୁ ପୁରୁଷ ଦୀର୍ଘ ଶ୍ୱାସ   କହେ ।
ନୀରବ ଆଖି କୋଣରେ ଛୁପା ଅଶ୍ରୁର ପ୍ଲାବନକୁ ,
ଅସହାୟତାର ଝରଣା କହେ ।
ତେବେ ଅଶ୍ରୁର ପ୍ଲାବନରେ ଧୌତ ,
ଶୀତଳ ଦୀର୍ଘ ଶ୍ୱାସରେ ସଂଜିବିତ ,
ତ୍ୟାଗ ଓ ସହିଷ୍ଣୁତାର ବୀଜ ହିଁ...
ସୃଜେ , ସଜାଏ ଆଉ ସ୍ୱରୂପ ଦିଏ ।।

**ନୂଆବନ୍ଧ ସାହି,ନବରଂଗପୁର**





ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ବହ୍ନି କନ୍ୟା

ପ୍ରତିଭା ପରିଜା


କେତେ ଦୂର ଆଉ ?
କାହିଁ , କେଉଁଦିଗେ
ହେବ ସୂର୍ଯୋଦୟ
କେଉଁଠି ସୃଜିବ
ସେଇ ବହ୍ନି ର ବଳୟ
ଜନ୍ମ ନେବ ବହ୍ନି କନ୍ୟା ।।

ଜାଗିବ ସେ ସ୍ୱର
ହେବ ସେ ଅପୂର୍ବ ସର୍ଜନା
ସ୍ୱୟଂସିଦ୍ଧା ....
କେତେ ନିର୍ଭୟା, ନିର୍ଲିପ୍ତ
କେତେ ବିସ୍ମିତା , ଉତ୍ତପ୍ତ
ତେବେ ବି ସରିନାହିଁ
ନିର୍ଯ୍ୟାତନା
ଭରିନାହିଁ ଉତ୍ତଙ୍ଗ କାମନା ।।

କେବେ ଆଉ ନାଶ ଯିବ
ସେ ମହିଷାସୁର ,ଯନ୍ତ୍ରଣାସିକ୍ତ
ପୃଥିବୀ ର ଲାଭା
କେବେ ଆଉ ଶୀତଳ ହେବ
ଜନ୍ମ ନେବ ସ୍ୱୟଂସିଦ୍ଧା ।।

ଯାହାର ସାନ୍ନିଧ ବିନା
ଅଧୁରା ରହେ ପୃଥିବୀ
ଯାହାର ଅନୁପସ୍ଥିତି
ନର୍କ ଗାମୀ କରେ
ସମଗ୍ର ସଂସାର
ଭୂ ଲୁଣ୍ଠିତ ହୁଏ ପ୍ରେମର
ସାଗର
ମମତାର ଫଲ୍‌ଗୁ ଢାଳି ଯିଏ
ତୋଳି ଧରେ, ତମାମ
ଆୟୁଷ
ପୃଥିବୀ ର
ସେଇ ସେ ..ସ୍ୱୟଂସିଦ୍ଧା
ନୁହେଁ ଦୟା ନୁହେଁ ଅନୁକମ୍ପା
ନିଜ ଗାରିମା ରେ ଗରିୟାନ
ସେ ସ୍ୱୟଂ ସଂପୂର୍ଣ୍ଣା।


ସିଡିଏ , କଟକ





# ମମତାର ମୂର୍ତ୍ତି ନାରୀ

ପ୍ରସନ୍ନ କୁମାର ମାଦଳା



ଆଭୂଷଣ ଆଉ          ଖଞ୍ଜନାହିଁ ଥାଉ
ଦିଶିବ ନାହିଁ ସେ ଚାରୁ
ଅଣଚାଶ ବାତ          ଏବେ ଆତଯାତ
ଅହରହ ନାସା ଦ୍ୱାରୁ ।- ୧

ତୁଟାନି ବିଶ୍ୱାସ          ପଡିବ ନିଃଶ୍ୱାସ
ଆଖିରେ ଭରିଛି ନିଆଁ
ତେଜସ୍ୱିନ୍ୟ ସେହି          ରହିବେନି କେହି
ଏତକ ବୁଝୁନ କିଆଁ ? - ୨

ରମଣୀ ସେ ରୁଦ୍ରା          ବିକଟାଳ ମୁଦ୍ରା
ପ୍ରତୀତ ଭୈରବୀ ପରି
ଖଣ୍ଡା ଓ ଖର୍ପରା          ତୋଳି ନେଲେ ପରା
ଦର୍ପ ତୋର ଯିବ ସରି ।- ୩


ପ୍ରଶାନ୍ତ ତଟିନୀ          ସେ କୁମ୍ଭକଟିନୀ
ପ୍ରୀତି ଅନୁରାଗ ଇଚ୍ଛେ
ଭାବରେ ପ୍ରବଳା          ଭାମିନୀ ଅବଳା
ଭାବନାହିଁ ଆଉ ମିଛେ ।- ୪

ହୃଦୟୁ ତାହାର          ହୁଅନ୍ତେ ବାହାର
ରଖିବନି ଆଉ ଥରେ
ଲୋଡିବନି ସାହା          ବାଛି ତପ୍ତ ରାହା
ବହିଯିବ ମରୁ ପରେ ।- ୫

କେତେ ଆଉ ତୋଷ   ହେବା ପାଇଁ ଦୋଷ
ଦୁର୍ବଳତା ଦେଖି ତା'ର
ଭୟରେ କାତର          ରଖିବୁ ମାତର
ଦେଇ ନିର୍ଯ୍ୟାତନା ଭାର ।- ୬

ସରିନାହିଁ ଖେଳ          ବୁଡିନି ବି ବେଳ
କିଛି ତ ରହିଛି ବାକି
ଜୀବନ ସରସ          କରି ଯା' ହରଷ
ମମତା ପୀୟୂଷ ଚାଖି ।- ୭

ଭାବିଲେ ନିଜର          ସମ୍ପର୍କ ବୀଜର
ଅଙ୍କୁର ଉଠିବ ପୁଣି
ଫୁଟିବ କମଳ          କରିବୁ ଅମଳ
ସ୍ନେହରେ ସୌହାର୍ଦ୍ଦ୍ୟ ବୁଣି ।- ୮



ରାଉରକେଲା - ୭୬୯୦୦୨
ଦୂରଭାଷ – ୭୯୭୮୧୯୨୨୨୭

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ସ୍ୱୟଂସିଦ୍ଧା



ଜୟଶ୍ରୀ ପଟ୍ଟନାୟକ

ତୋତେ ଫୁଲ ପରି ଫୁଟିବାକୁ ହେବ
ରେଣୁ ରେଣୁ ରେ ଭରି ଗୁଣର ମହକ
ପଛକେ ପାଖୁଡ଼ା ଛିଣ୍ଡିଯାଉ,
ଦଳି ମକଚି କେ ଫିଙ୍ଗିଦେଉ
ସୁଗନ୍ଧ ତୋର ଉଡିଯାଉ ।

ତୋତେ ପକ୍ଷୀଟେ ହେବାକୁ ହେବ
ଅନାଗତ ଭବିଷ୍ୟ ର ଉଡାଣ ଭରି
ପଛକେ କାଟିଦେଉ କେ ଡେଣା
କ୍ଷତାକ୍ତ ଅବା ରୁଧିରାକ୍ତ ହେଉ
ତୋ ରଙ୍ଗୀନ୍ ସପନ ।

ତୋତେ ଦ୍ରୁମ ଟେ ହେବାକୁ ହବ
ଅମୃତର ଫଳ ବାଣ୍ଟି, ଛାଇ ହୋଇ
କୋଳେଇ ନେବାକୁ ପଡିବ
ପଥିକ ଦେହର ଯେତେକ ହା- ହୁତାଶନ
ପଛକେ ଅଲଗା ହୋଇଯାଉ
ଟାଙ୍ଗିଆ ପ୍ରହାରରେ ତୋ ଶରୀର ଆଉ ଶିର
ଅବା କେ ଛେଦିଦେଉ ତୋ ବିଶ୍ୱାସ ର ଡାଳ ।

ତୋତେ ଢେଉ ହୋଇ ,ମମତାର ଶିହରଣ ଆଉ
ଶୀତଳ ପ୍ରଲେପ ଦେଇ ଛୁଇଁବାକୁ ହେବ
ବେଳାଭୂମିର ପାଦ, ମୋହାବିଷ୍ଟ ପଣ ରେ
ଥାଉ ତୋ କୋଳରେ ଯେତେ ଯନ୍ତ୍ରଣା,
ଆବର୍ଜନା ଆଉ ଦୁଃଖର ବାଲିଗରଡା ।

ତୋତେ ପ୍ରେମିକା ହୋଇ
ପ୍ରେମ ମହାମନ୍ତ୍ର କୁ ଉଚ୍ଚାରିବାକୁ ହେବ
କେହି ସେ ପ୍ରେମକୁ ବୁଝୁ ନ ବୁଝୁ, ଜିତୁ ନ ଜିତୁ
ନଗ୍ନଦେହେ ଯାବତୀୟ ଲାଳସା ମେଣ୍ଟାଉ
ପରାହତ ହେଉ ତୋ ସୁନେଲି ସପନ
ଫିଙ୍ଗିଦେଉ କେ ନଦୀ ଘାଟରେ
ବିସର୍ଜିତ ଦେବୀ ମୂର୍ତ୍ତି ଟେ ପରି
ଅବା ଶୁଆଇଦେଉ କେ ମଶାଣି କୋଳ ରେ ।

ତୋତେ ମା ଟିଏ ହେବାକୁ ହେବ
ଧରଣୀ ପରି ଦୁଃଖ କଷ୍ଟର ଗରଳ ସର୍ବଂସହା
ହେବାକୁ ପଡିବ, କିଏ ବୁଝୁ ନ ବୁଝୁ ତୋ ମନ
କିଏ ଶୁଝୁ ନ ଶୁଝୁ ଋଣ ।

ତୋତେ କନ୍ୟା ହୋଇ ଜନ୍ମ ନେବାକୁ ହେବ
ବାର ବାର, ଶତ ବାର
ପୋଷ ପୋଷ ଲୁହକୁ ଆଞ୍ଜୁଳାରେ
ପୀୟୁଷ ପରି ପିଇବାକୁ ହେବ ହେଉ ପଛେ କଷ୍ଟ
ଅବା ବୁକୁଫଟା ଆର୍ତ୍ତନାଦେ
କରିବାକୁ ପଡୁ ନୀରବ ପ୍ରଳାପ ।

ତଥାପି, ତୁ ଆସିବୁ ପୃଥିବୀ କୁ
ଅନ୍ତରରୁ ଅନ୍ତରୀକ୍ଷ କୁ
ବିନ୍ଦୁରୁ ବଳୟ କୁ
ଲୁହ ନଈ ରୁ ସମୁଦ୍ର କୁ ।

ତୋତେ ପରା ଯୁଝିବାକୁ ହେବ
ନରରୂପି ରାକ୍ଷସଙ୍କ ସହ, ସମାଜ ସହ
ସ୍ୱୟଂସିଦ୍ଧା ହେବାକୁ ହେବ ।

ଆକାଶରେ ଉଡ଼ି, ଆକାଂକ୍ଷା ର ସମୁଦ୍ର ଲଙ୍ଘି
କଣ୍ଟା ଅରମା, କୁଜଝଟିକା ଡେଇଁ
ମଣିଷକୁ ଶିଖେଇବାକୁ ହେବ
ସ୍ନେହ, ପ୍ରେମ,ତ୍ୟାଗ ର ସଂଜୀବନି ମନ୍ତ୍ର ।

---

ଜଟଣୀ, ଖୋର୍ଦ୍ଧା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଅନନ୍ୟା ଅନୁପମା

ସୁପ୍ରଭା ସାମଲ



ଅହରହ ଛାତି ତଳେ
କବର ଦେଉଥାଏ ଅସୁମାରୀ ଇଛା
ନୀରବରେ ପିଉଥାଏ ଯନ୍ତ୍ରଣା ଜହର ,
କଣ୍ଟକିତ ପଥ ଧାରେ
ଚାଲିବାରେ ନ ଥାଏ କାର୍ପଣ୍ୟ
ରକ୍ତାକ୍ତ ହେଉ ପଛେ ପାଦରୁ.. ହୃଦୟ
ସିଏ କିନ୍ତୁ ନିର୍ବିକାର ଚିରକାଳ
ତଥାସ୍ତୁ ର ଅଭୟ ମୁଦ୍ରାରେ ।

ଅକୁହା ଆବେଗ ସବୁ କୁ
ବ୍ୟକ୍ତ କରିପାରେନି ମନ ଖୋଲି
କାହାକୁ କହିବ ଶୁଣିବ ବା' କିଏ
କୁହୁଳୁ ଥିବା ନିଆଁ ରେ ..
ଅଙ୍ଗାର ପାଲଟୁ ଥିବା ମନ ଓ ଆତ୍ମାକୁ
ପଣତ କାନିରେ ବାନ୍ଧି ରଖିଥାଏ ତଥାପି ।

ସକଳ ଯନ୍ତ୍ରଣାର ହଳାହଳକୁ ଆକଣ୍ଠ
ପାନ କରିବା ପରେ ବି'
ଛାତିରେ ତା'ର ଅମୃତର ଝର
ନିଥର ପାହାଡ଼ ଦେହରେ ସତେକି
ଜୀବନ୍ୟାସ ପାଏ..
ପ୍ରୀତିର ସ୍ରୋତସ୍ୱିନୀ ।

ଜୀବନ ରାସ୍ତାରେ ବାଟ ଚାଲୁ ଚାଲୁ
ଝୁଣ୍ଟି ପଡିଲେ ନିଜକୁ ସମ୍ଭାଳି ନେବାର
ଦମ୍ଭରେ ସିଏ ସାଜେ
ମହାମାୟୀ, ମହାଶକ୍ତି
ଆଖିର ଲୁହ ଓ ଛାତିର କୋହ ଯେ
ତା'ଦୁର୍ବଳତାର ପରିଚୟ ଭାବିବା
ମୂର୍ଖାମୀ ବୋଲି ପ୍ରମାଣ ଦେଇ
ସେ ରୂପ ନିଏ କାତ୍ୟାୟିନୀ
ବିନାଶ କରେ ସକଳ କଳୁଷ ।

ସିଏ ତ ନିଜେ ନାରୀ.. ନାରାୟଣୀ
ସୃଷ୍ଟି ସୃଜନର..
ମୂର୍ଚ୍ଛନା ସଙ୍ଗୀତର..
ପୁଲକଟି ଏ ପ୍ରତି ଟି ପ୍ରାଣର..
ଜାୟା, ଜନନୀ, ଭଗିନୀ ଓ ଦୁହିତା
ପରିଚୟରେ ସେ ସ୍ୱୟଂ ସ୍ୱରୂପା
ତ୍ୟାଗ,ସେବା ଓ ସହିଷ୍ଣୁତା ରେ ..
ସେ.. ସ୍ୱୟଂସିଦ୍ଧା
.......ସ୍ୱୟଂସମ୍ପୂର୍ଣ୍ଣା
ସେ ଯେ ଚିର ମହନୀୟା ,
ବନ୍ଦନୀୟା, ଅନନ୍ୟା , ଅନୁପମା।

**। ମାହାଙ୍ଗା, କଟକ ।**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନାରୀ



**ମହାପାତ୍ର ବି ସୁନନ୍ଦା**

ହଁ,
ଅନିଚ୍ଛା ସତ୍ତ୍ୱେ ବି ନିଜକୁ ବାରମ୍ବାର ଆନାବରଣ କରୁଥାଏ
କେବେ ରଣ ହୁଙ୍କାର ତ କେବେ କରୁଣ ଆବେଦନରେ,
କାରଣ ମୁଁ ନାରୀ !

ଯେତେଥର ବିବସ୍ତ୍ରା ହେଉଥାଏ,
ସେତେଥର ମୃତ୍ୟୁ ହେଉଥାଏ ମୋ' ନୀରିହ ଆତ୍ମାର...
କବର ଭିତରୁ ବି ଜୀବନ୍ୟାସ ନେଉଥାଏ ସତ୍ତା,
ତୁମ ଅନ୍ତହୀନ କାମନାର ମୃତ୍ୟୁ ସଂଜୀବନୀ ରେ...
କାରଣ ମୁଁ ନାରୀ !!

ଗଣିକା ହେଉ କି ପ୍ରିୟା...
ପରସ୍ତ ପରସ୍ତ ଖୋଲି ଦେଉଥାଏ ନିଜକୁ ଶରୀର ସହ
ମୋ' ତୀବ୍ର ଚେତନାକୁ ବି,
ସମର୍ପଣର ଭାବରେ, କରୁଣାର ମୁଦ୍ରାରେ
କାରଣ ମୁଁ ନାରୀ !!!

ହଁ, ମୁହିଁ ଦେଇପାରେ, ସହିପାରେ, ଜଳିପାରେ, ଢଳିପାରେ,
କେବେ ବିଧିର ବିଡ଼ମ୍ବନା ତ କେବେ ଧର୍ମର ଦ୍ୱାହିରେ
କାରଣ ମୁଁ ନାରୀ....!!!!



.

**ବାଙ୍ଗାଲୋର .**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ମା' ସେ ଯେ ସ୍ୱୟଂସିଦ୍ଧା

ରମେଶ ଚନ୍ଦ୍ର ପସାଏତ୍



ମା' ମୋର ..
ଅସୀମ କରୁଣାମୟୀ
ଅକଳନା ଗୁଣବତୀ
ଦୈବୀ କୃପାମୟୀ ସେ
ସିଏ ମୋର ଆନନ୍ଦ ଉର୍ଜନା
ନାହିଁ ତା ଉପମା
କରେ ତା'ରେ ଭୂମିଷ୍ଠ ବନ୍ଦନା
ଜନ୍ମ ଜନ୍ମାନ୍ତରେ
ତାର ପାଦଧୂଳି ମୋର ମସ୍ତକ ମଣ୍ଡନା ।

ମା' ମୋର ...
ଭିଜି ଯାଏ ଶୀତ ସକାଳର ପଦ୍ମ ପରି
ଜଞ୍ଜାଳ ଯନ୍ତ୍ରଣାର ଘନ କୁହୁଡିରେ ..
ସନ୍ତାନ ପାଇଁ ଆଶା ଅସୁମାରି
ନୟନେ ତା ସ୍ୱପ୍ନ ଭରେ
କେବେ ମନ୍ତ୍ର ତୋଳେ
ଦୀପ୍ତ କଠୋର ବ୍ରତରେ
ପ୍ରଣୋଦିତ ବିମୁଗ୍ଧ ଛନ୍ଦରେ ।
ତପସ୍ୱିନୀ ସେ ,
ସଂକଳ୍ପେ ଦୃଢ଼ମଗ୍ନା,
ତାପ ସହେ ପୂର୍ଣ୍ଣ ଅଙ୍ଗୀକାରେ
ଅଙ୍ଗ ଚିରି ପ୍ରସବେ ସେ ଯେଣୁ
ଯନ୍ତ୍ରଣାର ଜଉ ଗୃହେ ,
ଅପୂର୍ବ ଶିହରଣ
ଆନନ୍ଦଲହରୀ ତା ତନୁମନେ
ମୁଁ କାନ୍ଦେ ସେ ହସେ
ପ୍ରତୀକ୍ଷିତ ଏନ୍ତୁଡି ଲଗନେ
ଆଉ କେବେ ମୋ କାନ୍ଦ ସେ ସହି ପାରେନା. ।

ମା' ମୋର..
ସେନେହ ଉଦଧି
ସୁଷମା ଉଛୁଳା ନିଧି
ତିତିକ୍ଷା ଓ ଶୁଶ୍ରୂଷାର ସସଙ୍ଗ ଶାଶ୍ୱତ ଧ୍ୱନି
ବିଶ୍ୱାସର ମଳୟ ପବନ
କଲ୍ୟାଣର ଅନନ୍ତ ଗଗନ
ହସ ତାର ପ୍ରତ୍ୟୁଷର ରାଗ
ଭାଷା ତାର ବିକଚ ପୁନ୍ନାଗ
ରୂପ ତାର ପ୍ରଶାନ୍ତିର ହରିତ ଧରିତ୍ରୀ
ମୋ ହୃଦୟ ଅର୍ନ୍ତବେଦୀ ଆସୀନା ଈଶ୍ୱରୀ ।

ମା' ମୋର ...
ସେ ଯେ ଦିବ୍ୟ ମଧୁକ୍ଷରା
ଅନନ୍ତ ମମତା ଭରା
ପ୍ରେମ ପ୍ରୀତି ସରାଗର -
ବିମଳ ଚେତନାଧାରା
ବିଭୁରେ ନିର୍ଭରା ଭକ୍ତି
ସକଳ ହୃଦୟ ଗୀତି ର ସେ ଆଦ୍ୟ ବନ୍ଦନା
ସିଏ ହିଁ ମୋ ମା'
ସେ ଯେ ସ୍ୱୟଂସିଦ୍ଧା ।।।

---

ନି, ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ କଣ୍ଢେଇକେଲା, ଝାରସୁଗୁଡା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ସଂପୂର୍ଣ୍ଣା

ବୀଣାପାଣି ରାଏଗୁରୁ



ହେ ସଂପୂର୍ଣ୍ଣା
ତୁମେ ସୀତା ହେଇପାର ,
ହେଇପାର ତୁମେ ସାବିତ୍ରୀ, ଶକୁନ୍ତଳା ,
ଭାନୁମତୀ ଅବା ପଞ୍ଚଶକ୍ତିମୟୀ ପଞ୍ଚାଳୀ,
ସେଇ ତୁମେ ନାରୀ ସ୍ଵୟଂସିଦ୍ଧା ,
ସକଳ ଶକ୍ତିସମ୍ପର୍ଣ୍ଣା ଶ୍ରୀଦେବୀ ।।

ହେ ସଂପୂର୍ଣ୍ଣା
ସର୍ଜିପାର ମାୟା ତୁମେ
ବର୍ଜିପାର କାୟା,
ରଚିପାର ତର୍ଜନା ରେ
କୋଟି ଅନସୁୟା,
ଚଢି ପାର ସ୍ଵର୍ଗ ତୁମେ
ଗଢିପାର ସୃଷ୍ଟି,
ସ୍ଥିତି ରେ ପ୍ରଳୟ ତୁମ
ପ୍ରଳୟରେ ସ୍ଥିତି ।।

ଉଡିପାର ନଭେ ଦର୍ପେ
ଭେଦି ଅନ୍ତରୀକ୍ଷ,
ସାଧନାରେ ସିଦ୍ଧି ତୁମ
ଅଲକ୍ଷ ରେ ଲକ୍ଷ,
କାଳ ତୁମେ କାଳୀ ତୁମେ
ପ୍ରଜ୍ଞା ପ୍ରେମସିକ୍ତା
ଅର୍ଥାନ୍ତରେ ଶବ୍ଦ ସିଦ୍ଧି
ପ୍ରକୃତି ପ୍ରଣେତା ।।

ଦେବୀ ତୁମେ ମହାଦେବୀ
ଅବ୍ୟକ୍ତ ଅସ୍ତିତ୍ଵ ,
ପ୍ରେମ ଆଉ ପ୍ରଣୟ ର
ପ୍ରଥମ ପ୍ରଭାତ ,
ଭାମିନୀ କାମିନୀ କାମ୍ୟା
ଅବର୍ଣ୍ଣା - ସବର୍ଣ୍ଣା ,
ନାରୀ ନାରାୟଣୀ ତୁମେ
ସଶକ୍ତା ସଂପୂର୍ଣ୍ଣା ।।

---------------------

ତରିତୋ,କିଶୋର ନଗର, କଟକ
ମୋ :୯୪୩୮୦୫୪୯୫୫



# ସଶକ୍ତିକରଣ

ପ୍ରବାସିନୀ ହୋତା




ସବୁବେଳେ ଅନ୍ୟକୁ
ଅଗ୍ରାଧିକାର ଦେଇ ଦେଇ
ନିଜର ଏକାନ୍ତ  ଇଚ୍ଛା, ଆଗ୍ରହ,
କୌତୂହଳ କୁ ନୀରବତା ଭିତରେ
ଚାପି ଦେବା ପାଇଁ
କେତେ ଅବା ଶକ୍ତି ଦରକାର ??

ଜୀବନର ସ୍ୱଭାବ ତ
ସବୁବେଳେ କୋଳାହଳମୟ...
ତେବେ ମୁଖରା ନଈଟିଏକୁ
ନିଶ୍ଚଳ ହ୍ରଦରେ ପରିଣତ କରିବାକୁ
ଅବା କେତେ ଶକ୍ତି ଦରକାର ??

ବନ୍ୟାର ସୁଅ ପରି
ମାଡ଼ି ଆସୁଥିବା ଲୁହକୁ
ନିର୍ଲଜ୍ଜ ଦାନ୍ତର ଆଡ଼ି ବନ୍ଧ ଦେଇ
ଅଟକେଇବା ପାଇଁ କଣ
ଖୁବ୍ ବେଶୀ ଶକ୍ତି ଦରକାର ??

ନିଜକୁ ଖଣ୍ଡ ଖଣ୍ଡ କରି ବାଣ୍ଟି ଦେଇ
ଶୂନ୍ୟ କରି ଦେବା ବେଳେ
ପୂର୍ଣ୍ଣତା ଆଉ ସାର୍ଥକତାର
ହଲପ୍ ଖୁଆଇ ସମଗ୍ର ଆୟୁଷ କାଳ
ଭୁର୍ତେଇ ନେବାକୁ
ବୋଧେ ଖୁବ୍ ବେଶୀ ଶକ୍ତି
ଆଦୌ ଦରକାର ନୁହେଁ....

ତା ହେଲେ....
ଅବଳା ନାରୀର
ଦୁର୍ବଳ ପଣିଆକୁ
ସାବ୍ୟସ୍ତ କରିବା ଆଗରୁ
ଅନ୍ତତଃ ଏଇ ଶକ୍ତି ଟିକକ
ଆୟତ୍ତ କରାଯାଉ ନା....
ତାପରେ ଆଉ କ'ଣ ବାକି ରହିବ
ଏତକ ଜାଣିବାକୁ ??

କା' ମୁହଁରେ ହସ ଧାରେ ପାଇଁ
ହାଡ ମାଂସର ଦେବୀ ଟିଏ
କାନି ପାରି କେତେ ବିପର୍ଯ୍ୟୟକୁ
ସାଉଁଟି ନେଇଥାଏ....

ଭଟଲି ରୋଡ଼, ବରଗଡ଼




# ସ୍ୱୟଂସିଦ୍ଧା

**ସୁଧୀରାଜ ରାଉତ**

ପୁରୁଷ ଶିବ ହେଲେ
ନାରୀ ଶକ୍ତି ...ଏମିତି ପୁରୁଷ ଲେଖିଛି ।
ପୁରୁଷ ସୂର୍ଯ୍ୟ ହେଲେ
ନାରୀ ଛାୟା ... ଏମିତି ପୁରୁଷ ଲେଖିଛି ।
ଏହା ଲେଖି
କିଛି କମ୍ ଫାଇଦା ଉଠାଉନାହିଁ ପୁରୁଷ !

ନାରୀ'ତ ଏଯାବତ୍ ଲେଖିନି କିଛି
ନାଁ ପୁରାଣ, ନାଁ ଦର୍ଶନ ...
ଦେହ ଭୂଗୋଳରେ
ଶତାବ୍ଦୀ ଶତାବ୍ଦୀ ମାତିଛି ।

ନାରୀ ଶିବ ନୁହେଁ ?
ନାରୀ ସୂର୍ଯ୍ୟ ନୁହେଁ ?
ଏହି ଉତ୍ତର ଠାରୁ
ନାରୀ
ସେହି ଉତ୍ତରକୁ
ପୁନଃ ପୁନଃ ଶୁଣିବାରେ ଲାଗିଛି
'ତା ଦେହର ବର୍ତ୍ତୁଳରେ
କିଭଳି ବିଲ୍ଲିନ ହୁଏ ବିଶ୍ୱ ' ।



ଦେହର ଏରୁଣ୍ଡି ସେପଟେ
ଦେଖ !
ଉଦୟ ହୋଇଛି ସୂର୍ଯ୍ୟ
ଦେଖ ଆଲୋକର ଇନ୍ଦ୍ରଧନୁ
ଦେଖ ସେ ସୂର୍ଯ୍ୟର ଆଭାରେ
ପୋଡ଼ିଯାଉଛି ପୁରୁଷର ନଖ ଆଉ ନିଶ,
ପୋଡ଼ିଯାଉଛି ଯୁଗ ଯୁଗର ଅନ୍ଧାର ... ।

ସ୍ୱୟଂସିଦ୍ଧା କୁ ଦେଖିଲ ?

ସ୍ୱୟଂସିଦ୍ଧା ଜାଣେ
ସେ ଶକ୍ତି ...
ସ୍ୱୟଂସିଦ୍ଧା ଜାଣେ
ସେ ସୂର୍ଯ୍ୟ, ସେ ଶିବ ।

------------------------

**ଖାତିଗୁଡା,ନବରଙ୍ଗପୁର**



# ସ୍ୱୟଂସିଦ୍ଧା ନାରୀ

ଅମ୍ବିକା ସ୍ୱାଇଁ



କନ୍ୟା, ଜାୟା, ଜନନୀ ଓ ଭଗିନୀ
ସତ୍ୟ ସମର୍ପିତ ନାରୀ
ସୁନ୍ଦର ସୃଷ୍ଟି ର ଅପରୂପା ଟିଏ
ସତେ କି ସରଗପରୀ ।୧।

ସ୍ରଷ୍ଟା ର ସେ କମନୀୟ ଛବିଟିଏ
ହାସ୍ୟମୁଖେ ମନମୋହେ
ସର୍ବଗୁଣ ସମ୍ପନ୍ନାର ନାରୀଟିଏ
ମମତାର ଗାଥା ଗାଏ ।୨।



ପ୍ରେମ ମୂର୍ତ୍ତିମନ୍ତ ଶକ୍ତିମୟୀ ଟିଏ
ସୃଷ୍ଟି କରେ ଭବିଷ୍ୟତ
ଉଜ୍ଜ୍ୱଳ ନକ୍ଷତ୍ର ଅବତରି ଦିଏ
ଧରା କରେ ଆଲୋକିତ ।୩।

ସ୍ନେହ,ପ୍ରେମ କରୁଣାର ବାରିଧିରେ
ବୁଡ଼ୁଥାଏ ଅହର୍ନିଶି
ଅସୀମ ତ୍ୟାଗ ଧୈର୍ଯ୍ୟ ର ପଥ
ଅତିକ୍ରମ କରେ ହସି ।୪।



ଯୁଗ ଯୁଗ ଧରି ଏହି ଆମ ନାରୀ
ଦ୍ରୌପଦୀ ,ଜାନକୀ ରୂପେ
କେତେ କଷ୍ଟ ସହି ଜୀବନ ଜିଅନ୍ତି
ଦୁର୍ଗତି ନାଶିନୀ କୃପେ ।୫।

କିଏ ହେବ ଏହି ସାର୍ବଂସହା ନାରୀ
ଦିଏ ନିଜ ସୁଖାହୁତି
ଆଖି ର ଲୁହ କୁ ମୋତି ମାଳା କରି
ଗାଉଥାଏ ସ୍ୱପ୍ନ ଗୀତି ।୬।

ନାରୀ ଆଜି ନୁହେଁ ଅବଳା ଦୁର୍ବଳା
ହୋଇଲାଣି ସ୍ୱୟଂସିଦ୍ଧା
ନିଜଗୋଡେ ନିଜେ ଠିଆ ହୋଇ ସିଏ
ସମାଜେ ବାଣ୍ଟୁଛି ସୁଧା ।୭

ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ନାରୀଟିଏ

କେ.ନିର୍ମଳ



ଆଜିର ଯୁଗରେ ଝିଅ ଜନମିଲେ
ଭଲ ପାଆନ୍ତିନି କେହି,
ଜନ୍ମ ହେଲା ଶିଶୁ ଜୀଅନ୍ତା ଫିଙ୍ଗନ୍ତି
କୁଳ କୁ କଳଙ୍କ କହି ।

ପିତା ଓ ମାତାଙ୍କର ମନ ତ ଅଧିର
ପୁତ୍ର ଟିଏ ଘରେ ହେଲେ,
ଶେଷ ସମୟରେ ତାଙ୍କରି ମୁହଁରେ
ଚିତା ଅଗ୍ନି ଦେବ ଥିଲେ ।

ଆଜିର ଯୁଗରେ କୁପୁତ୍ର ସଭିଏଁ
କଷ୍ଟ ଦିଏ  ଯିଏ ବେଶି,
ବିବାହ ବନ୍ଧନେ  ବାନ୍ଧିହେଲେ ଥରେ
ହେଇ ଯାଏ ପରଦେଶୀ ।

ପିତା ଓ ମାତାଙ୍କୁ ଛାଡ଼ି ଦେଇଯାଏ
ଅନାଥ ଆଶ୍ରମରେ ଦ୍ବାରେ,
ଶେଷ ସମୟରେ ଝିଅଟିଏ ଥିଲେ
ରଖିବ ନେଇ ପାଖରେ ।

ଆଜିର ଯୁଗରେ ଭୁଲ୍ କରନ୍ତି
କିଛି ଖଳ ଗୁରୁଜନ,
କନ୍ୟା ଟିଏ ଯଦି ଗରଭେ ବଢୁଛି
ହତ୍ୟା କରିବାକୁ  ମନ ।

ନାରୀ ସର୍ବଂସହା, ନାରୀ ମାତୃରୂପି
ଭୁଲନ୍ତି ଜଗତ ଜନ,
ତୁମ ଘରେ ଯଦି କନ୍ୟା ଜନ୍ମ ନେଲା
ଲକ୍ଷ୍ମୀଙ୍କର ବାସ ସ୍ଥାନ ।

ସରଗର ଦେବୀ ମରତରେ ଆସି
ଧରିଥାନ୍ତି ନାରୀ ରୂପ,
କନ୍ୟା ଦାନ ଦେଲେ ମଣିଷ ଜନମୁ
ଖଣ୍ଡନ ହୁଅଇ ପାପ ।

ମାତା ଜଣେ ନାରୀ ଏହିକଥା ସିଏ
ଭୁଲିଯାଏ ତା'ର ମନୁ,
ଆଉ ଜଣେ ନାରୀ ଜନ୍ମ ଦେବାପାଇଁ
ଅନିଚ୍ଛା ସେ ଦିନ ଦିନୁ ।

-------------------------

ଭଦ୍ରକ, ବାସୁଦେବପୁର (ଜଗନ୍ନାଥି)
ମୋବାଇଲ୍ :-୯୫୬୭୧୧୩୬୦୭

# ଝିଅଟିଏ ବୋଲି

**କସ୍ତୁରି ଚରଣ ରାଉତ**



ଝିଅଟିଏ ହୋଇ ଜନମିଛି ବୋଲି
କାନ୍ଦୁଥିବି ରାତି ଦିନ,
ମାଆ ର ଗରଭୁଁ ସହି ଆସୁଥିବି
ଅପବାଦ ଅପମାନ ।

କିଶୋରୀ ମନର ଅଧା ସପନକୁ
ଦେଇ ଦେଇ ଜଳାଞ୍ଜଳି,
ମାୟା ମମତାର ଚେରକୁ ଛିଣ୍ଡେଇ
ଆଖିରେ  ଲୁହକୁ ବୋଳି ।

ଫଳ, କାଠ, ଛାଇ ସବୁ ଦେଉଥିବି
ଆମ୍ବ ଗଛ  ପରି ମୁହିଁ,
କଞ୍ଚା ଡାଳପତ୍ର ଛିଣ୍ଡା ହେଉଥିଲେ
ସବୁ ଯାଉଥିବି ସହି ।

ମୋ ମାଉଁସ ହାଡ଼ ଅସ୍ତ ବ୍ୟସ୍ତ କରି
ଝୁଣୁଥିଲେ ପଳ ପଳ ,
ଫିଟିପଡୁଥିବା ରାଗରୁଷା ଭୁଲି
ପିଉଥିବି ହଳାହଳ ।

ଝିଅଟିଏ ବୋଲି ନିଜ ମନ ମାରି
ଘର କୋଣେ ଥିବି ବସି,
ଦୁନିଆକୁ ଖାଲି ଦେଉଥିବି ସୁଖ
ଦୁଃଖ ସହି ହସି ହସି ।
----------------------



ଶିକ୍ଷକ,ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୮୨୮୪୬

ସୃଜନୀ ପରିବାର (ଚେନ୍ନାଇ )


ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# - ନାରୀ -

## ସ୍ୱୟଂକଳ୍ପା - ସ୍ୱୟଂସିଦ୍ଧା

ସୁବାଷ ଚନ୍ଦ୍ର ପଣ୍ଡା(ଓ ଇ ଏସ )



ପ୍ରଜ୍ୱଳିତ ପ୍ରଦୀପ ର
ଅନିର୍ବାଣ ଶିଖା
- ଏକ ନାରୀ -
ବହୁ କଳ୍ପନାର ପ୍ରତିମୂର୍ତ୍ତି
ଘନୀଭୂତ ଅନ୍ଧକାର ବକ୍ଷ ଚିରି
ଯୁଦ୍ଧ ତା'ର ,ସେ ତ ସ୍ୱୟଂସିଦ୍ଧା
ଅନ୍ଧାରକୁ ଚାପିରଖି ପାଦତଳେ
ବାୟୁ କମ୍ପନ ଲଢେ -ଏକା ଏକା ...

ନଦୀ
- ଏକ ନାରୀ -
ସ୍ୱୟଂକଳ୍ପା
ପାଷାଣର ବୁକୁ ବିଦାରି
ଜନ୍ମ ନେବା ପରେ
ସ୍ୱକୀୟ କଳ୍ପନାକୁ ରୂପରେଖ ଦେଇ
ନିଜ ପଥ ନିଜେ ଖୋଜେ
କଙ୍କରିତ ପଥ ଧାରେ ସୃଷ୍ଟି କରେ ସବୁଜ ବଳୟ
ଭୁଲିଯାଏ ଆପଣ ନିଳୟ ।
ବିନ୍ଦୁରୁ ସିନ୍ଧୁ ହେବାର ଦୁର୍ବାର କଳ୍ପନାକୁ
ସାକାର କରୁ କରୁ
ସାଗରରେ ନିଜକୁ ନିଃଶେଷ କରି
ଶେଷରେ ପାଲଟି ଯାଏ
ଅନନ୍ତ ସାଗର -ଅଜସ୍ର ଲହରୀ...

ଫୁଲର ସୁରଭି
-ଏକ ନାରୀ -
ହେଉ ଅବା ଜୁଇ ,ଯାଇ , କୁନ୍ଦ ବା ମଲ୍ଲିକା
ସ୍ୱୟଂ ସଂକଳ୍ପିତା ,ଏକାକୀ ସାଧିକା
ସୁଗନ୍ଧ ବିକରଣର କଳ୍ପନାର ,
କଳ୍ପ କଳ୍ପାନ୍ତରର ସାଧନାରେ
ମଗ୍ନା ଆହା ଏକା.. ଏକା ,
ମିଳୁ ବା ନ ମିଳୁ ତାକୁ ସହାନୁଭୂତି –
ବାୟୁ ହିଲ୍ଲୋଳର ..

ନାରୀ ସ୍ୱୟଂ ସ୍ୱୟଂସିଦ୍ଧା
ଭିନ୍ନ ରଙ୍ଗ ,ଭିନ୍ନ ଭଙ୍ଗୀମାରେ
ଆଭାରେ ,ପ୍ରଭାରେ ,ବିଭେଦରେ ,ପ୍ରଭେଦରେ
ପ୍ରତ୍ୟୁଷରେ ,ପ୍ରଦୋଷରେ ,ଉଷାରେ ,ନିଶାରେ
ସେ 'ତ କଳନାର , କଳ୍ପନାର ଉର୍ଦ୍ଧରେ...ଉର୍ଦ୍ଧରେ
ତା' ସ୍ପର୍ଶରେ ପ୍ରୀତିର ଫଗୁଣ ଆସେ
ମଳୟର ଅପୂର୍ବ ଆବେଗ ନେଇ ସ୍ନାୟୁରେ ...
ସ୍ନାୟୁରେ..

(କେନ୍ଦ୍ରାପଡା, ଓଡିଶା )

# ତୁ ନୁହେଁ ସର୍ବଂସହା



ମନୋରମା ମିଶ୍ର



ସମାଜର କଷଟିରେ କେତେ ଆଉ ପରଖି ହେଉଥିବୁ ,
କେତେଦିନ ଯୁପ-କାଷ୍ଠରେ ମଥା ଭରିଥିବୁ ?
କନ୍ୟା ଭାବେ ତୁ ଅବହେଳିତ, ଲାଂଛିତା
ବଧୂ ଭାବେ ,ପତ୍ନୀ ଭାବେ ତ ଯୁଗେ ଯୁଗେ ନିର୍ଯାତିତା
ତୋ ଗର୍ଭରେ କନ୍ୟା ଭ୍ରୁଣଟି କେଉଁ ସୁରକ୍ଷିତ ଯେ ?
କିଏ ,ବାନ୍ଧିଛି ତୋ ମଥାରେ ସଫଳତାର ମୁକୁଟ
ଅର୍ପି ଦେଇଛି ତୋ ହାତରେ ଇପ୍‌ସିତ ସଂସାର ?
ବରଂ ଅବଳା,ଦୁର୍ବଳା ବୋଲି
ପ୍ରତି କ୍ଷେତ୍ରରେ ତୋ ନିରାପତ୍ତା ବ୍ୟାହତ .....

ଏଥର ତୋର ସୀମିତ ଦୁନିଆରୁ ପାଦ ବଢାଇ ଦେ
ରାସ୍ତା ପ୍ରସରିଯିବ...
ଯାତନାର ଯଜ୍ଞକୁଣ୍ଡରେ ଅବଗାହନ କରି
ଉଦ୍ଭାସିତ ହୋଇ ଯା
ହୀନ ମାନ୍ୟତା ଦୂରେଇ ଯିବ ।

ଆତ୍ମ ପ୍ରତ୍ୟୟର ମାଳା ଟି ଗଳାରେ ଲମ୍ବାଇ
ସ୍ୱାଭିମାନର ମହାର୍ଘ୍ୟ ପଦକଟି ତା ମଝିରେ ଝୁଲାଇ ଦେ
ଶକ୍ତି ସଞ୍ଚରି ଯିବ ତୋର ଦେହରେ, ମନରେ ...
ବଶମ୍ବଦ ହୋଇଯିବେ ଦୁର୍ବିନୀତ ଅହଙ୍କାରୀ ଯେତେ ।
ଧୀରେ.. ଧୀରେ ତମାଦି ହୋଇଯିବ
ତୋର ଦୁର୍ବଳ ବିଶେଷଣ
ତୋ ପାଇଁ ସୃଷ୍ଟି ହେବ ନୂଆ ପରିଚୟ ଟିଏ
ଆଗାମୀ ଦୁନିଆରେ .....

**ନୀଳାଦ୍ରି ବିହାର**
**ଭୁବନେଶ୍ୱର**
**ମୋ :୯୮୬୧୫୬୭୮୫୩୨**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନାରୀ

ପ୍ରଶାନ୍ତ କୁମାର ନାଥ



ପ୍ରେମର ମନ୍ଦିର ସେନେହ ସାଗର
ମମତାର ମଧୁଗଙ୍ଗା
ଅଥଳ ସମୁଦ୍ର ପାରି କରିବାକୁ
ସାଜେ ଯେ ନଉକା ଡଙ୍ଗା

ତ୍ୟାଗମୟୀ ସିଏ ଧୈର୍ଯ୍ୟର ବସୁଧା
ନାମଟି ତାହାର ନାରୀ
ଶକ୍ତିମୟୀ ସିଏ ସର୍ବସଂହା ଅଟେ
ଆଶା ତାର ଅସୁମାରୀ ।

ସିଏ ଅପରୁପା ପୁଣ୍ୟ ସମର୍ପିତା
ଅନ୍ୟ କାହା ଖୁସି ପାଇଁ
ପାଖେ ପାଖେ ପରା ସାଥେ ରହିଥାଏ
ହୋଇ ସେ ଦେହର ଛାଇ ।

ନିଜ କଥା ସିଏ ଭୁଲି ଯାଇଥାଏ
ପିଉଥାଏ ଆଖି ଲୁହ
ସବୁ ଦୁଃଖ କଷ୍ଟ ଦେହେ ମାରି ପୁଣି
ଅଜାଡେ ଅମାପ ସ୍ନେହ ।

ଭାବନାହିଁ ତାକୁ ଅବଳା ଦୁର୍ବଳା
ସହୁଥିବ ଅତ୍ୟାଚାର
ସ୍ୱୟଂସିଦ୍ଧା ସାଜି କରିପାରେ ସିଏ
ନିଜ ହାତେ ପ୍ରତିକାର ।

ରାକ୍ଷସ ଦମନ କରିପାରେ ପୁଣି
ହୋଇ ଶକ୍ତି ସ୍ବରୂପିଣୀ
କେବେ ସେ ଗୃହିଣୀ ପ୍ରଣୟ ଦାୟିନୀ
କେବେ ସାଜେ ନାରାୟଣୀ ।



ସୁନ୍ଦରପୁର,ପ୍ରୀତିପୁର,ଯାଜପୁର
ମୋ-୮୮୯୨୩୦୧୧୪୩

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ମହିମାମୟୀ ମା' ରମାଦେବୀ




ସୁଷମା ପରିଜା

ଓଡିଶା ରାଜ୍ୟ ର  କଟକ ଜିଲ୍ଲାରେ ସତ୍ୟଭାମାପୁର ଗ୍ରାମ
ସେଠି ଜନମିଥିଲା ଯେ କୁନି ଝିଅଟିଏ ରମା ଥିଲା ତାର ନାମ ।।
ଚେହେରା ଟି ଥିଲା ଡଉଲ ଡାଉଲ ଆଖି ଦୁଇ ଗୋଲ ଗୋଲ
ପ୍ରଶାସକ ବାପା ଗୋପାଳବଲ୍ଲଭ ଶ୍ରଦ୍ଧା ନାମ ଦେଲେ" ବେଲ"।।
ବିଦେଶୀ ଶାସନ କାଳର କଥା ଏ ସାଲ ଅଠରଶ ଅନେଶୋତ
ଭାରି କଟକଣା, ଝିଅ  ଙ୍କୁ  ଇସ୍କୁଲ ତ ମନା ଘରେ ବସି ପଢ ପାଠ।।
ବୁଦ୍ଧିମତୀ " ବେଲ" ଘରେ ବସି କଲା ସବୁ ପାଠ ଅଧ୍ୟୟନ
ଓଡିଆ, ବଙ୍ଗଳା, ସଂସ୍କୃତ, ହିନ୍ଦୀ ଭାଷା ଶିଖି ହୋଇଲା ବିଦ୍ୱାନ।।
ଜ୍ଞାନଦାତା କାକା ମଧୁସୂଦନଙ୍କ ଦେଶଭକ୍ତି ଆଦର୍ଶ କୁ ଅନୁସରି
କୁନି ଝିଅ ବେଲ ସ୍ୱଦେଶ ପ୍ରେମ ର ପଥେ ଚାଲେ ଥିରି ଥିରି ।।
ପନ୍ଦର ବର୍ଷରେ ବାହାଦେଲେ ବାପା ଦିପୋଟି କଲେକ୍ଟର ବର
କଟକ ସହର ନାମଯାଦା  ଘର ଗୋପବନ୍ଧୁ ଚଉଧୁରୀ ନାମ ସାର ।।
ଦେଶପ୍ରେମୀ ସ୍ୱାମୀ,ସ୍ୱାଧୀନଚେତା  ସେ ରମା ଙ୍କୁ ଆଗେଇ ନେଲେ
ସ୍ୱାଧୀନତାର ଆମ ନିଜ ଅଧିକାର,  ମୁକ୍ତି ମନ୍ତ୍ର ଉଭୟେ ପଢିଲେ ।।
ଉଣେଇଶହ ଏକୋଇଶି ରେ ଯେବେ ଗାନ୍ଧୀ ଓଡିଶା କୁ ଆସିଥିଲେ
ସ୍ୱାଧୀନତା ଆନ୍ଦୋଳନ ପାଇଁ ସଭା କଲେ  କାଠଯୋଡି ବାଲୁକାରେ।।
ଯୋଗଦେଇ ଥିଲେ ରମାଦେବୀ ବାପୁଙ୍କ ଆଦର୍ଶେ ଉଦ୍ ବୁଦ୍ଧ ହୋଇ
ନିଜର ଦୁଇ ଶହ ଭରି ସ୍ୱର୍ଣ୍ଣ ଅଳଙ୍କାର ସଭାରେ ସେ ଦେଲେ ନେଇ।।
କହିଲେ ଭାରତ ମା' ମୋ ପରାଧୀନତାର ବେଡି ପିନ୍ଧି କାନ୍ଦେ ଆଜି
କି ଲାଭ ହୋଇବ ମୋର ଦେହରେ ଏଇ ଅଳଙ୍କାର ସବୁ  ସାଜି ।।
ନେଇ ଯାଅ ବାପୁ ! ଅଳଙ୍କାର ସବୁ ମୋ ଦେଶର ସ୍ୱରାଜ ପାଣ୍ଠିକୁ ଦିଅ
ଆସ ସବୁ ମୋର ଭାଇ ଓ ଭଉଣୀ ଏ ଆନ୍ଦୋଳନରେ ଆହୁତି ଦିଅ ।।
ସକ୍ରିୟ ଭାବରେ ସାମିଲ୍ ହେଲେ ରମାଦେବୀ ଲବଣ ସତ୍ୟାଗ୍ରହରେ
ଆଇନ ଅମାନ୍ୟ ଆନ୍ଦୋଳନ କରି ଜେଲ୍ ଗଲେ ସ୍ୱାମୀ ସଙ୍ଗତରେ।।



ବିଶ୍ୱ ମହିଳା ଦିବସ ବିଶେଷାଙ୍କ ସ୍ୱୟଂସିଦ୍ଧା




ଓଡିଶା  ରାଜ୍ୟର  କୋଣ ଅନୁକୋଣେ ବୁଲି ବୁଲି ସଭା  କଲେ
ଘର ଛାଡ଼ିଦେଇ  ବରୀ ରେ “  ସ୍ୱରାଜ୍ୟ ଆଶ୍ରମ  “  ଟିଏ  ଗଢିଲେ  ।।
ପ୍ରସାରିତ  କଲେ  ଦେଶପ୍ରେମ  ବାର୍ତ୍ତା  ଜନ  ପ୍ରାଣ  ମୋହିନେଲେ
ଲକ୍ଷ କୋଟି  ପ୍ରାଣେ  “ଇଂରେଜ  ହଟାଓ”  ତନ୍ତ୍ରକୁ  ’ସଂଚାରିଲେ  ।।
“  ଇଂରେଜ ତୁମେ ଭାରତ  ଛାଡ  “  ନାରା  କଲେ  ମହାମନ୍ତ୍ର
“ସ୍ୱଦେଶୀ  ଖାଅ”    “ ସ୍ୱଦେଶୀ  ପିନ୍ଧ”  କହି  ସେ  ଧରିଲେ  ତନ୍ତ  ।।
ଗାନ୍ଧୀ,  ଜବାହର,  ପଟେଲଙ୍କ  ସାଥେ  ସଂଗ୍ରାମ  ରେ  ଦେଲେ ଝାସ
ପରାଧୀନତା  ର ବେଡି  କାଟି  ଦେଇ  ସ୍ୱାଧୀନ ହେଲା  ଯେ ଭାରତବର୍ଷ  ।।
ମାଆ ଚାଲିଗଲେ  ସ୍ୱରାଜ  ଆଶ୍ରମେ  ଧରିବାକୁ  ଦେଶ  ଉନ୍ନତି  ଖିଅ
ଦେଶ ସେବା  ଥିଲା  ଧର୍ମ  ଯେ  ତାଙ୍କର  ନଥିଲା  କାହିଁରେ  ମୋହ  ।।
ଭାରତ ଚାଇନା  ଯୁଦ୍ଧରେ  ଆହତ  ସୈନିକ  ମାନଙ୍କର ସେବା  ପାଇଁ
ନିଜେ  ଗଢିଥିବା  ସେବା ଦଳ   ଧରି  ମାଆ  ନିଜେ ଯାଇଥିଲେ  ଧାଇଁ  ।।
ମାନବ  ସେବା କୁ  ମାଧବ ସେବା  ରମାଦେବୀ ଭାବି  ଥିଲେ ଚିରଦିନ
ଆଜି ଏଇ ଜାତି ଝୁରି  ହେଉଅଛି  ତାଙ୍କ  ସେବା,ଦେଶଭକ୍ତି,  ବଳିଦାନ  ।।
ସେଇ  ବୀରା  ନାରୀଙ୍କୁ ନାମରେ  ନାମିତ  “  ରମାଦେବୀ  ଯୁଦ୍ଧ  ପୋତ”
ଭାରତୀୟ  ନୌବାହିନୀ  ଆଜି  ବି  ହୋଇଛି  ସଗର୍ବେ  ସେବା ରେ  ରତ  ।।
ରମାଦେବୀ  ମହିଳା  ମହାବିଦ୍ୟାଳୟ  ରାଜ୍ୟେ  ଉଡାଉଛି   ଯଶବାନା
ଧନ୍ୟ  ରମାଦେବୀ,  ଧନ୍ୟ  ତୁମେ    ରଖିଲ ଆମ ନାରୀ  ଜାତିର  ମହିମା  ।।

**କଟକ**



ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର




# ଅନ୍ତିମ ଆଶ୍ରୟ

ଦୀପକ କୁମାର ଦେ




ମଥୁରାରୁ ଗୋପପୁର ଗୋଟାପଣ ସାନିଧ୍ୟରେ ,
ଦଗ୍ଧ ବନ -ଲତା -ପାହାଡ଼ ,ଶୁଖିଲା ନଈରେ ,
ସଜ୍ଜନତା - ବିଜନତା - ଅତଳ ସିନ୍ଧୁ- କବିତା
ହସ୍ତିନାରୁ ଚିତ୍ରକୁଟ  ପରଶରେ ବିଶ୍ୱଜୀତା ।



ପରଦୁଃଖ କାତରା ବସନ୍ତର ବଗିଚା ଟିଏ ,
ପରିପୂର୍ଣ୍ଣ ଓଁକାର ସ୍ୱୟଂସମ୍ପୂର୍ଣ୍ଣ ସତ୍ତା ସିଏ ,
ସୃଷ୍ଟିକାରୀଣୀ , ଅଶିତ ପକ୍ଷେ ନୂଆଁ ଛନ୍ଦ ;
ନୀରବ ଶାନ୍ତ୍ୱନାରେ ଫଗୁଣ ବିଳାସର ବନ୍ଧ ।

ପରିତୃପ୍ତ ପ୍ରାଣେ ମଧୁ ମହକ, ପଳାଶ ରଙ୍ଗ,
ହାଡୁଆ ଶରୀରେ ବସନ୍ତ ବାୟୁ, ଏକାନ୍ତ ସଙ୍ଗ;
ହୋଲି ରଙ୍ଗାୟିତ ଚକ୍ଷୁ ତାହାର ସ୍ୱପ୍ନ ଫୁଲ
ଭବିଷ୍ୟତ ସମ୍ଭାବନା , ସମ୍ବେଦନା, ସମୁଜ୍ଜ୍ୱଳ ।



ପ୍ରଶସ୍ତ ବକ୍ଷେ ଆଉଜାଇ ଦିଏ ତା'ର ପଣତ
ଏକାନ୍ତ ପାଥେୟ ,ଅନ୍ତିମ ଆଶ୍ରୟ ଉନ୍ମାଦିତ।

**ଅନୁଗୋଳ , ଓଡିଶା**